# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 16 September – 2026

**********************************

## ମୁଖ୍ୟ ସମ୍ବାଦ

- ସମ୍ବଲପୁରଠାରେ ଅତ୍ୟାଧୁନିକ ଡପଲର୍ ୱେଦର ରାଡାର ଷ୍ଟେସନକୁ ଆଜି ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ
- ଦେଶବ୍ୟାପୀ ଆସନ୍ତାକାଲିଠାରୁ ଆରମ୍ଭ ହେବ ସେବା ସଂକଳ୍ପ ଅଭିଯାନ

– ଘରେ ଘରେ ଦୀପ ପ୍ରଜ୍ୱଳନ ପାଇଁ ଅନୁରୋଧ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

- ସାହସିକତା ସେନା ମେଡାଲ ପୁରସ୍କାରପ୍ରାପ୍ତଙ୍କ ପାଇଁ ଆଜୀବନ ଟ୍ରେନ୍ ଯାତ୍ରା ହେବ ମାଗଣା
- ସୁଭଦ୍ରା ଯୋଜନା ଆସନ୍ତାକାଲି ପୂରଣ କରୁଛି ଦୁଇବର୍ଷ; ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଏବଂ

- ଓଜୋନସ୍ତରର ସଂରକ୍ଷଣ ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ଓଜୋନ ଦିବସ

# ଡପଲର ରାଡାର ଉଦ୍‌ଘାଟନ

ରାଜ୍ୟରେ ପାଣିପାଗ ଆକଳନକୁ ଆହୁରି ସଠିକ କରିବା ପାଇଁ ଆଉ କିଛି ସମୟପରେ  ସମ୍ବଲପୁର ଜିଲ୍ଲା ମଧୁପୁର ଜମାଦାରପାଲି ରୋଡ୍‌ଠାରେ ନୂତନ ଅତ୍ୟାଧୁନିକ ଡପଲର ୱେଦର ରାଡାର ଷ୍ଟେସନ୍‌କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ। ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ ଯୋଗଦେବେ। ଡପଲର୍ ପାଣିପାଗ ରାଡାରର ଆଭ୍ୟନ୍ତରୀଣ ଜିଲ୍ଲାମାନଙ୍କର ପାଣିପାଗ ପୂର୍ବାନୁମାନ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା, ହୀରାକୁଦ ଡ୍ୟାମର ପ୍ରଭାବଶାଳୀ ଜଳ ପ୍ରଭାବରେ ମୁଖ୍ୟଭୂମିକା ଗ୍ରହଣ, ବଜ୍ରପାତ, କାଳବୈଶାଖୀ, କୁଆପଥର ମାଡ଼ ଓ ପ୍ରବଳ ବର୍ଷାର ଆଗୁଆ ସତର୍କ ସୂଚନା, ଜଳସେଚନ ଓ ଜଳ-ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ସହାୟକ, କୃଷି, ଖଣି, ଶିଳ୍ପ ଏବଂ ବିମାନ ଚଳାଚଳ ଭଳି ବିଭିନ୍ନ କ୍ଷେତ୍ରକୁ ଏହା ଅଧିକ ସମୃଦ୍ଧ କରିବ ବୋଲି ଜଣାପଡ଼ିଛି। କାର୍ଯ୍ୟକ୍ରମରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ, ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ,  ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ରହିବେ।

Desk

## ସେବା ସଂକଳ୍ପ ଅଭିଯାନ

ଦେଶବ୍ୟାପୀ ଆସନ୍ତାକାଲିଠାରୁ ଏକମାସ ବ୍ୟାପୀ ସେବା ସଂକଳ୍ପ ଅଭିଯାନ’ ଆରମ୍ଭ ହେବାକୁ ଯାଉଛି । ଏହି ଅଭିଯାନ ଅଧୀନରେ ଆସନ୍ତାକାଲି ଭୁବନେଶ୍ୱର ଗୁପ୍ତେଶ୍ୱର ମନ୍ଦିରରେ ଦୀପଦାନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର ସୁଶାସନକୁ ସମ୍ମାନ ଦେବା ପାଇଁ ଘରେ ଘରେ ସନ୍ଧ୍ୟା ୬ଟାରୁ ୭ଟା ମଧ୍ୟରେ ଦୀପ ପ୍ରଜ୍ୱଳନ କରିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅନୁରୋଧ କରିଛନ୍ତି। ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଏହା ସହାୟକ ହେବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

**- V/O –**

Nabarangpur

## ସେବା ସଂକଳ୍ପ ଅଭିଯାନ

ସେବା ଓ ସୁଶାସନର ୨୫ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତାକାଲିଠାରୁ ଏକମାସ ବ୍ୟାପୀ ସେବା ସଂକଳ୍ପ ଅଭିଯାନ ଆରମ୍ଭ ହେଉଛି। ଏହି ଅବସରରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଏହି ଅଭିଯାନରେ ଆୟୋଜିତ ହେବାକୁ ଥିବା ଆଶୀର୍ବାଦ ଦୀପ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଜିଲ୍ଲାବାସୀଙ୍କୁ ଆହ୍ୱାନ ଦେଇଛନ୍ତି।

Bhadrak

## ବିଜେପି କାର୍ଯ୍ୟକାରିଣୀ ବୈଠକ

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଲୋକଙ୍କ ପାଖରେ ପହଁଞ୍ଚାଇବାକୁ ରାଜ୍ୟସଭା ସାଂସଦ ମନମୋହନ ସାମଲ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଛନ୍ତି । ଭଦ୍ରକରେ ଅନୁଷ୍ଠିତ ଦଳୀୟ କାର୍ଯ୍ୟକାରିଣୀ ବୈଠକରେ ଶ୍ରୀ ସାମଲ ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସମେତ ସ୍ଥାନୀୟ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ ।

Desk

## ସେନା ମେଡାଲ ପୁରସ୍କାର

ସାହସିକତା ସେନା ମେଡାଲ ପୁରସ୍କାର ବିଜେତାଙ୍କ ପାଇଁ ନଭେମ୍ବର ପହିଲାରୁ ଆଜୀବନ ଟ୍ରେନ୍ ଯାତ୍ରା ମାଗଣା କରାଯିବ । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ମିଳିଥିବା ସୂଚନା ଅନୁଯାୟୀ, ସେନା, ନୌସେନା, ବାୟୁସେନା ମେଡାଲ ସାହସିକତା ପୁରସ୍କାର ବିଜେତାଙ୍କୁ ଏହି ସୁଯୋଗ ମିଳିବ । ଅବିବାହିତ ସହିଦ୍‌ଙ୍କ ପିତାମାତା ମଧ୍ୟ ଏହି ସୁବିଧା ପାଇପାରିବେ । ମିଳିଥିବା ସୂଚନା ଅନୁସାରେ,  ରେଳଯାତ୍ରା ସମୟରେ ସେନାକର୍ମୀ ଓ ସେମାନଙ୍କ ପରିବାର ପାଇଁ ଏହି ସୁବିଧା ଉପଲବ୍ଧ ହେବ । irccp.indianrail.gov.in କିମ୍ବା IRCCP ପୋର୍ଟାଲରେ ଏଥିପାଇଁ

ଆବେଦନ କରିପାରିବେ। ଆବେଦନ ପରେ ଅନଲାଇନ୍‌ରେ ଟ୍ରେନ୍ ଯାତ୍ରା ପାଇଁ ସେମାନଙ୍କୁ ଇ-ପାସ୍ ମିଳିବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି।

Desk

## ସୁଭଦ୍ରା ଯୋଜନା

ମହିଳା ସଶକ୍ତୀକରଣ ପାଇଁ ରାଜ୍ୟରେ ଲାଗୁ କରାଯାଇଥିବା ସୁଭଦ୍ରା ଯୋଜନା ଆସନ୍ତାକାଲି ଦୁଇବର୍ଷ ପୂରଣ କରୁଛି। ଏହି ଉପଲକ୍ଷେ ଅଙ୍ଗନବାଡ଼ି କେନ୍ଦ୍ର ଓ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଆସନ୍ତା ବର୍ଷ ଏପ୍ରିଲ ପହିଲାରୁ ୩୦ ତାରିଖ ପର୍ଯ୍ୟନ୍ତ ପୋର୍ଟାଲ ଖୋଲାରହିବ। ନୂଆ ଆବେଦନକାରୀ ଏହି ସମୟ ମଧ୍ୟରେ ପୋର୍ଟାଲରେ ନାମ ପଞ୍ଜୀକରଣ କରିପାରିବେ। ସୁଭଦ୍ରା ଯୋଜନାରେ ୧ କୋଟିରୁ ଊର୍ଦ୍ଧ୍ୱ ମହିଳା ହିତାଧିକାରୀଙ୍କୁ ଏବେ ପର୍ଯ୍ୟନ୍ତ ୫ଟି କିସ୍ତିରେ ୨୦ ହଜାର ୮୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଆସନ୍ତାକାଲି ସନ୍ଧ୍ୟାରେ ଦୀପଜାଳି ଏହି ଦିନକୁ ଉତ୍ସବଭାବେ ପାଳନ କରିବା ପାଇଁ ସମସ୍ତ ସୁଭଦ୍ରା ଭଉଣୀମାନଙ୍କୁ ଉପମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

**- V/O –**

Puri

## ଋଷୀ ପଞ୍ଚମୀ

ପୁରୀ ଶ୍ରୀମନ୍ଦିରରେ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଆଜି ଋଷି ପଞ୍ଚମୀ ବ୍ରତ ନୀତି ସହ ଦାହଲୀଳା ପ୍ରସ୍ତାବ ନୀତି ପାଳିତ ହେବ। ସ୍ୱୟଂ ମହାଲକ୍ଷ୍ମୀ ଏହି ଋଷି ପଞ୍ଚମୀବ୍ରତ ପାଳନ କରିଥାନ୍ତି ବୋଲି ବିଶ୍ୱାସ ଥିବାରୁ ଶ୍ରୀମନ୍ଦିରରେ ଏଥିପାଇଁ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥାଏ। ପରମ୍ପରା ଅନୁଯାୟୀ, ଆଜି ସକାଳ ଧୂପ ବଢ଼ିବା ପରେ ପୂଜାପଣ୍ଡା ଶ୍ରୀଦେବୀଙ୍କୁ ଆଜ୍ଞାମାଳ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ଶ୍ରୀଦେବୀଙ୍କୁ ସିଂହାସନାରେ ବିଜେ କରାଇ ମୁକ୍ତିମଣ୍ଡପ ନିକଟକୁ ନେଇଥିଲେ। ସେଠାରେ ଶ୍ରୀଦେବୀଙ୍କୁ ପାଲିଙ୍କିରେ ବିଜେ କରାଇବା ପରେ ଶ୍ରୀମନ୍ଦିରରୁ ଶ୍ରୀଦେବୀ ବାହାରି ମାର୍କଣ୍ଡ ପୁଷ୍କରିଣୀଠାରେ ଥିବା ମାର୍କଣ୍ଡେଶ୍ୱରୀ ମହାଦେବ ମନ୍ଦିରକୁ ବିଜେ କରିଥିଲେ। ସେଠାରୁ ସପ୍ତଋଷିଙ୍କୁ ଆବାହନ ପୂର୍ବକ ବରୁଣ ପୂଜା ଆଦି ଅନୁଷ୍ଠିତ ହୋଇଥିଲା। ପରେ ଠାକୁରାଣୀ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଶ୍ରୀକୃଷ୍ଣ ଲୀଳା କ୍ରମରେ ଆଜି ସନ୍ଧ୍ୟା ଧୂପନୀତି ବଢ଼ିବା ପରେ ଦାହଲୀଳା ପ୍ରସ୍ତାବ ନୀତି ପାଳିତ ହେବ।

Desk

# ଓଜୋନ ଦିବସ

ବାୟୁମଣ୍ଡଳରେ ଓଜୋନ ସ୍ତରର ସଂରକ୍ଷଣ ସଂପର୍କରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟନେଇ ଆଜି ବିଶ୍ୱ ଓଜୋନ ଦିବସ ପାଳନ କରାଯାଉଛି। ୧୯୯୪ ମସିହା ଜାତିସଂଘ ମହାସଭା ଓଜୋନ ସ୍ତର ସୁରକ୍ଷା ପାଇଁ ଗ୍ରହଣ କରିଥିବା ଐତିହାସିକ ମଣ୍ଟ୍ରିଲ ମାର୍ଗଦର୍ଶିକାକୁ ସ୍ମରଣ କରି

ପ୍ରତିବର୍ଷ ସେପ୍ଟେମ୍ବର ୧୬ ତାରିଖରେ ଏହି ଦିବସ ପାଳିତ ହୋଇଥାଏ। ଚଳିତବର୍ଷର ପ୍ରସଙ୍ଗ ରହିଛି **ଏକ ଶୀତଳ ଗ୍ରହ ପାଇଁ ବିଶ୍ୱସ୍ତରୀୟ ପଦକ୍ଷେପ** । ବୈଜ୍ଞାନିକ ଗବେଷଣା ଏବଂ ଓଜୋନ ସ୍ତରକୁ ସଂରକ୍ଷଣ କରିବା ସହ ଜଳବାୟୁ ସୁରକ୍ଷା ଉପରେ ଗୁରୁତ୍ୱ ପ୍ରଦାନର ଲକ୍ଷ୍ୟ ନେଇ ଆଜି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅବସରରେ ଓଜନସ୍ତରର ସୁରକ୍ଷା ଏବଂ ପରିବେଶର ସନ୍ତୁଳନ ବଜାୟ ରଖିବା ପାଇଁ ସାମୂହିକ ପ୍ରୟାସ କରିବାକୁ ଆହ୍ୱାନ ଦେଇଛନ୍ତି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟ ଜରିଆରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ଥାୟୀ ବିକାଶକୁ ପ୍ରୋତ୍ସାହନ ଦେବା, ପରିବେଶ ସଂରକ୍ଷଣକୁ ସୁଦୃଢ଼ କରିବା ଏବଂ ଆଗାମୀ ପିଢ଼ି ପାଇଁ ଏକ ସୁବଜ ଓ ସୁସ୍ଥ ଭବିଷ୍ୟତ ଗଠନ ପାଇଁ ଓଡ଼ିଶା ପ୍ରତିବଦ୍ଧ। ସାମୂହିକ ପ୍ରୟାସ ମାଧ୍ୟମରେ ଏହି ଲକ୍ଷ୍ୟକୁ ଆଗେଇ ନିଆଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

Desk

## ଉପକୂଳ ମେଗା ସମରାଭ୍ୟାସ

ଓଡ଼ିଶା ଉପକୂଳରେ ଆଜିଠୁ ମେଗା ସମରାଭ୍ୟାସ ସାଗର କବଚ ଆରମ୍ଭ ହୋଇଛି। ଏଥିରେ ପୁଲିସ କର୍ମଚାରୀ, ଓଡ୍ରାଫ, ଅଗ୍ନିଶମ ବାହିନୀ ଓ ଏନ୍.ଡି.ଆର.ଏଫ୍‌ର କର୍ମଚାରୀମାନେ ପାଟ୍ରୋଲିଂ କରୁଛନ୍ତି। ସମୁଦ୍ରପଥ ଦେଇ ଶତ୍ରୁଙ୍କ ପ୍ରବେଶକୁ ରୋକିବା ପାଇଁ ବିଭିନ୍ନ ରଣକୌଶଳ ପ୍ରସ୍ତୁତ

କରାଯାଇଛି। ଏଥିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୧୭ଟି ଊର୍ଦ୍ଧ୍ୱ ବିଭାଗ ଅଂଶଗ୍ରହଣ କରିଛନ୍ତି। ଉପକୂଳବର୍ତ୍ତୀ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

Desk

# ଓରାଙ୍ଗଓଟାନ୍-ଯାଞ୍ଚ

ବାଲେଶ୍ୱର ବିଚିତ୍ରପୁର ଜଙ୍ଗଲରୁ ୫ଟି ଓରାଙ୍ଗଉଟାନ ଶାବକ ଉଦ୍ଧାର ଘଟଣାରେ ପିସିସିଏଫ୍ ପ୍ରେମ ଝା' ନନ୍ଦନକାନନରେ ପହଁଞ୍ଚି ସେମାନଙ୍କ ଯତ୍ନ ଓ ସ୍ୱାସ୍ଥ୍ୟବସ୍ଥାର ଯାଞ୍ଚ କରିଛନ୍ତି। ବୈଷୟିକ କମିଟି ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ସ୍ୱତନ୍ତ୍ର ଟାସ୍କଫୋର୍ସ-ଏସ୍‌ଟିଏଫ୍ ରାଜ୍ୟ ବାହାରେ ମଧ୍ୟ ଯାଞ୍ଚକୁ ଗୁରୁତ୍ୱ ଦେଉଛି । ବର୍ତ୍ତମାନ ଏସ୍‌ଟିଏଫ୍ ଆସାମ, ମିଜୋରାମ ଓ ମହାରାଷ୍ଟ୍ର ପୋଲିସ୍‌ର ସହାୟତା ଲୋଡ଼ିଛି । ପୂର୍ବରୁ ଏହି ରାଜ୍ୟଗୁଡ଼ିକରୁ ଓରାଙ୍ଗଓଟାନ୍ ଉଦ୍ଧାର ହୋଇଥିବାରୁ ଅଧିକ ତଥ୍ୟ ହାସଲ ପାଇଁ ଏସ୍‌ଟିଏଫ୍ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି ।

Nuapada

# ନୂଆଖାଇ ଭେଟଘାଟ୍ କାର୍ଯ୍ୟକ୍ରମ

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ, କାପଷି ଗ୍ରାମରେ ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ଏକତା, ଭାଇଚାରା ତଥା ଲୋକ ସଂସ୍କୃତିର ମୂଲ୍ୟବୋଧକୁ ଉଜ୍ଜୀବିତ କରିବା

ଉଦ୍ଦେଶ୍ୟରେ ଆୟୋଜିତ ଏହି ସମାରୋହରେ ଆବାଳବୃଦ୍ଧବନିତା ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଗ୍ରାମର ଗୌରବ ବୃଦ୍ଧି କରିଥିବା ବିଭିନ୍ନ କ୍ଷେତ୍ରର ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଅନ୍ୟ ଏକ କାର୍ଯ୍ୟକ୍ରମରେ ବୋଡେନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମା' ଦ୍ୱାରଶନି ଗଣମାଧ୍ୟମ ସଂଘ ପକ୍ଷରୁ ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

Desk

# ପାଣିପାଗ

ଉତ୍ତର ଥାଇଲାଣ୍ଡ ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ଆସନ୍ତା ଶନିବାର ସୁଦ୍ଧା ଉତ୍ତର ଆଣ୍ଡାମାନ ସାଗରରେ ଲଘୁଚାପରେ ପରିଣତ ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ପରବର୍ତ୍ତୀ ୩ରୁ ୪ ଦିନ ମଧ୍ୟରେ ଏହା ପଶ୍ଚିମ–ଉତ୍ତର–ପଶ୍ଚିମ ଦିଗକୁ ଗତି କରି ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳମୁହାଁ ହେବ। ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ରାଜ୍ୟରେ ଆଜିଠାରୁ ପୁଣି ବର୍ଷାର ପରିମାଣ ବୃଦ୍ଧି ପାଇବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୬ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅପରପକ୍ଷେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁର

ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆସନ୍ତା ୩ ଦିନ ମଧ୍ୟରେ ଆରମ୍ଭ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।